# ପିଲାଙ୍କ କଥା
# (କୋୟା)
## ଦିତୀୟ ଭାଗ



unicef
unite for children

# ପିଲାଙ୍କ କଥା (କୋୟା)

## ଦିତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ
ଶିକ୍ଷକ ନିମନ୍ତେ ଅତିରିକ୍ତ ପୁସ୍ତିକା


ପ୍ରସ୍ତୁତି
**କୋୟା ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ସୁନିଲ୍ କୁମାର ଡାକୁଆ**

ସହାୟତା
**ୟୁନିସେଫ୍, ଓଡ଼ିଶା**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**Prepared by :**
Koya Resource Group

**Co- ordinater :**
Dr. Paramananda Patel

**Illustration by :**
Sunil Kumar Dakua

**Supported by :**
UNICEF, Odisha

**Organised by :**
Academy of Tribal languages & Culture
ST & SC Development Department,
Govt. of Odisha, Bhubaneswar


କଇଲାନୁ ମାସଡ୍ତ୍ ଓ୍ୱେସଡ୍
ବିଲୁଆ କୁମ୍ଭୀର କଥା

ଅଣ୍ଡୟ କଇଲା ନଦୀକୂଲତାଗ୍ ମାତ୍ତା । ଆଦ୍ ନଦୀ ଏର୍ଦାଗ୍ ଅଣ୍ଡୟ୍ କୁମ୍ଭୀର(ମସଲ୍) ମାନ୍ନର୍ । କୁମ୍ଭୀର(ମସଲ୍) ମନ୍ତେ ମନ୍ତେ ଆଲ୍ସ୍ତା । ବେ'ଲେ ବାର୍ କଇଲାତିଙ୍ଗ୍ ତିନ୍ତାନ୍ । ଆଦିନ୍ମାଇଦିଙ୍କ ବିଲୁଆ ବେନ୍ ଜାଗାତାଗ୍ ଏର୍ ଉନ୍ଦନର୍, ଆ ପଡିୟାତାଗ୍ କାଲାଙ୍ଗ୍ କିସ୍ କେପ୍ତା । କଇଲା ଏର୍ ଉନ୍ଦ୍ନଙ୍କ ଓ୍ୱାସ୍ ଉନ୍ଦନାସୁଙ୍କ୍ ଏର୍ କାଲାଙ୍ଗ୍ ଆତ୍ତା । କଇଲା  ଓ୍ୱେରେ ପଡିଆତାଗ୍ ଏର୍ ଉଞ୍ଜ୍ ଆତ୍ତା ।



ବିଲୁଆଟିଏ ନଦୀକୁଳରେ ରହୁଥିଲା । ସେହି ନଦୀ ପାଣିରେ କୁମ୍ଭୀରଟିଏ ଥିଲା । କୁମ୍ଭୀର ମନେ ମନେ ଭାବିଲା ।କେମିତି  ବିଲୁଆକୁ ଖାଇବି । ସେଥିପାଇଁ ବିଲୁଆ ଯେଉଁ ଜାଗାରେ ଯାଇ ପାଣି ପିଏ କୁମ୍ଭୀର ସେହି ଜାଗାରେ ଯାଇ ଜଗିଲା । ବିଲୁଆ ପାଣି ପିଇବାକୁ ଆସି ଦେଖିଲା ଯେ, ପାଣି ଗୋଳିଆ ହୋଇଛି ।ବିଲୁଆ ଅନ୍ୟଜାଗାରୁ ପାଣି ପିଇ ଗଲା ।

ତା'ନ୍ ମେଣ୍ଡନ୍ ଦିନ୍ ବିଲୁଆ ତିଙ୍କ୍ ଅନ୍ୟ ପଡିଆତାଗ୍ କେପ୍ତା ମାତ୍ର ପଇତାନଙ୍କ୍ ପାର୍ଓ୍ୱ । ଅଣ୍ଡୟ ଦିନ୍ କଇଲା ନଦୀ କୂଳତାଗ୍ ମାନ୍ଦାନ୍ ମାଡ଼ାତାଗ୍ ଏର୍ଉଞ୍ଜି ମାତ୍ତା । ଆସୁଟ୍ କଇଲାତ୍ କା'ଲଦିଙ୍କ୍ ମସଲ୍ ପଇତ୍ତା । ଆସୁଟ୍ କଇଲା କେତ୍ତା "ନା'........ କା'ଲ ଦିଙ୍କ୍ ପଇତାନ୍ ଇଞ୍ଜୋ ଆଲ୍ସ୍ତିନ୍ ମସଲମାମା" ! ମାଡାତ୍ ମାଡ୍ତିଙ୍କ୍ ପୟନ୍ ତ ? ତା'ନ୍ ପେର୍କେ ମସଲ୍ କଇଲାତ କା'ଲ ଦିଙ୍କ୍ ଓ୍ୱିଡ୍ସିତ୍ତା । କଇଲା ପିସ୍କ ଆସ୍ ମିରିତ୍ତା ।



ତା' ପରଦିନ କୁମ୍ଭୀର ଅନ୍ୟ ଏକ ଜାଗାରେ ଜଗିଲା ହେଲେ ଧରିପାରିଲା ନାହିଁ । ଦିନେ ବିଲୁଆ ନଦୀ କୂଳରେ ଥିବା ଗଛ ମୂଳରେ ବସି ପାଣି ପିଉଥିଲା । ସେତେବେଳେ ବିଲୁଆର ଗୋଡକୁ କୁମ୍ଭୀର ଧରିଲା । ବିଲୁଆ କହିଲା, "ମୋ.......ମୋ ଗୋଡକୁ ଧରିଛି ବୋଲି ଭାବିଲୁ କି ମସଲ୍ ମାମା" ! ଗଛର ଚେରକୁ ଧରିନାହଁ ତ ? ତା'ପରେ ବିଲୁଆର ଗୋଡକୁ ଛାଡିଦେଲା । ବିଲୁଆ ଖସି ଚାଲି ଆସିଲା ।

# ମେକା ନୁ କଓ୍ୱେତ୍ ମାଟା
# ( ଛେଳି ଓ ମାଙ୍କଡ଼ କଥା )

ଅଣ୍ଡୟ ଜାଙ୍ଗାଲତାଗ ମେକା ତାନ ପିଲା ପିସ୍‌କାନ୍ ତଡ଼୍ ମାତ୍‌ତା । କଓ୍ୱେ ବାର ମେକା ମାନ୍ଦାନ ମାଡତା ପର୍ରୋ ତାନ ପିଲ୍ଲା ପିସକାନ୍ ତଡ୍ ମାତ୍‌ତା । ମେ’କ ତିଙ୍କ ଅଣ୍ଡୟ ସୁଦୁଲାଦ ପିଲ୍ଲା ମାତ୍‌ତା । କଓ୍ୱେତିଙ୍କ ମେଣ୍ଡେ ଅରଟ ସୁଦଦୁ ପିଲ୍ଲା ମାତ୍‌ତା ।ରେଣ୍ଡ ସାଙ୍ଗ୍ ଆସ୍ ଅଣ୍ଡିୟ ପଡିୟେ ତାଗ୍ ମାନ୍‌ନ ।

ଗୋଟିଏ ଜଙ୍ଗଲରେ ଛେଳି ତା’ର ପିଲାଙ୍କୁ ନେଇ ରହୁଥିଲା । ମାଙ୍କଡ଼ ମଧ୍ୟ ତା’ର ପିଲାଙ୍କ ସହିତ ଗଛ ଉପରେ ରହୁଥିଲା । ଛେଳିର ମଧ୍ୟ ଗୋଟିଏ ଛୋଟ ଛୁଆ ଥିଲା । ମାଙ୍କଡର ମଧ୍ୟ ଛୋଟ ଛୁଆଟିଏ ଥିଲା । ଦୁଇ ଜଣ ସାଙ୍ଗ ହୋଇ ଗୋଟିଏ ଜାଗାରେ ରହୁଥିଲେ ।



ଅଣ୍ଡ ଦିନା ମେକା ପିଲା ଜଙ୍ଗଲତା ମେୟନଙ୍କ ଆଞ୍ଜ ମାତ୍ତା । ଆଦ ଗୁପତାଗ ଉଡ୍ଡାନାସୁଙ୍କ ଅଣ୍ଡୟ ଗୁଡ଼୍ଇ ଉଡତା । ଗୁଡଇ ଲୋପେ ନେଙ୍ଗି ଆଗ୍ ମାନ୍ଦାନ୍ ପାଇସା, ସୋନ, ରୂପା, ସାର୍ରେ ତିଞ୍ଜ ଲୋନ୍ ୱାତତା । ଲୋନ ଏଉତ୍ତା ପେରେକେ ତାଙ୍କ ପେଲ୍ ୱାତତା ।



ଗୋଟିଏ ଦିନ ଛେଳି ଛୁଆ ଜଙ୍ଗଲକୁ ଚୋରିବାପାଇଁ ଯାଇଥିଲା । ସେ ଜଙ୍ଗଲରେ ବୁଲିବା ସମୟରେ ଗୋଟିଏ ମନ୍ଦିର ଦେଖିଲା ।ମନ୍ଦିର ଭିତର ପଶି ସୁନା, ରୂପା, ପଇସା ସବୁ ଖାଇ ଘରକୁ ଫେରିଲା । ସେ ଘରେ ପହଞ୍ଚିଲା ପରେ ତାକୁ ଝାଡା ଲାଗିଲା ।

ଆଦ ତାମ ମାଁ ଦିଙ୍କ୍ କେତ୍ତା । ମାଁ ନାନା ପେଲାଙ୍କ୍ ଆନ୍ତାନ୍ । ତାନ୍ ମା’ ବାଇଦେ ପେଲଙ୍କ ଆଦାନଙ୍କ କେତ୍ତା । ମାତ୍ରମ ପିଲା । ତାମ ୟାୟୋନ୍ ଗିସିଡ୍ତାଗ୍ ପେଲିତାନ୍ ଇଞ୍ଚ କେତ୍ତା ।ତାନ୍ ପେରକେ ମେ’କା ପିଲ୍ଲା ତାମ ୟାୟୋନ ଗିସିଡ୍ତାଗ୍ ପେଲି ତଅସିତ୍ତା ।ପେଲତ୍ ପିଇତାଗ୍ ଆସାମ ରୂପି, ସୋ୍ନ ବାତା ବାତା ମାତତା । ମେ’କ୍ ପିଲେତ୍ ୟାୟୋ ନାରଗେ ସାର୍ଦେ ଆତ୍ତା । ଇ ଗୋଟି କଡ୍ୱେ ମିଞ୍ଜି ଉଡ୍ ମାତ୍ତା ।

ସେ ତାଙ୍କ ମା କୁ କହିଲା । ମା ମୁଁ ଝାଡା ଯିବି ।ତା ମା ପଦାରେ ଝାଡା ଯିବା ପାଇଁ କହିଲା । ମାତ୍ର ପିଲା ତା ମାର ଲୁଗାରେ ଝାଡା ପେରିବା ପାଇଁ କହିଲା । ତା’ପରେ ଛେଳିଛୁଆ ତାଙ୍କ ମାର ଶାଡୀର ଝାଡା ଫେଂରୀ ବାନ୍ଧି ଦେଲା ।ଝାଡାରେ ଟଙ୍କା, ରୁପା, ସୁନା, ଅନ୍ୟାନ୍ୟ ଜିନିଷ ଥିଲା । ଛେଳି ଛୁଆର ମା ବହୁତ ଖୁସୀ ହେଲା ।ଏହି କଥା ମାଙ୍କଡ ଲୁଚିକି ଦେଖୁଥିଲା ।



କୱେ୍ବାର ତାନ୍ ପିଲ୍ଲାତିଙ୍କ ଗୁଡ୍ଇତାଗ ଆଞ୍ଜ ପାଇସା, ରୂପା, ବାତାବାତା ତିଞ୍ଜ ୱ୍ାଦାନ୍ ମାଇଦେଙ୍କ୍ କେତ୍ତା । ଇମାଟା କେଞ୍ଜି କୱେ୍ ପିଲା ଗୁଡିୟତାଗ୍ ଆତ୍ତା....... । କୱେ୍ ପିଲା ଗୁଡିୟାତାଗ୍ ଆଞ୍ଜ୍ ଆସାମ୍ ପାଣ୍ଡି ତିଞ୍ଜ୍ ୱ୍ାତତା



ମାଙ୍କଡ ମଧ୍ୟ ତା'ର ଛୁଆକୁ ମନ୍ଦିର ଯାଇ ପଇସା, ସୁନା, ରୂପା, ଇତ୍ୟାଦି ଖାଇକି ଆସିବା ପାଇଁ କହିଲା । ଏ କଥା ଶୁଣି ମାଙ୍କଡ଼ ପିଲା ମନ୍ଦିରକୁ ଗଲା..........। ମାଙ୍କଡ ପିଲା ମନ୍ଦିରକୁ ଯାଇ ଖାଲି ଫଳ ଖାଇ ଅସିଲା ।



ପେଲତାଙ୍କ୍ ୟାୟୋନ୍ ମେଦୁଲ ଏକାମ ଟୁଣ୍ଡତା

ଝାଡା ଫେରିବାରୁ ମାଁ ଦେହ ସାରା ଲାଗିଗଲା ।

# ବିମୁଡ ପାଣ୍ଡୁମ୍ (ଇନ୍ଦ୍ର ବିବାହ)

କତାମାଟେର୍ ନାର୍ଦାଗ୍ କୋୟା ମାନେଇ ମାତ୍ତର୍ । ଆନାର୍ଦାଗ୍ କାର୍ମାନ୍ ମାୟାଡ୍ ଅଣ୍ଡୟ ମାତ୍ତା । ଆଦ୍ ଜାମ୍ନେ ଜାମ୍ନେ ପେର୍ସତା । ଆ ପିକିର୍ ଉଡନଙ୍କ ସାୟ୍ ତନ୍ଦମାତ୍ତା । ମାୟାଡ୍ତିଙ୍କ୍ ପେଣ୍ଡୁଲ୍ ଲେଇଦାଡ୍ ଆତ୍ତା ।

କତାମାଟେରୁ ଗାଁରେ କୋୟା ଲୋକମାନେ ରହୁଥିଲେ । ସେହି ଗାଁରେ 'କାରମା'ର ଗୋଟିଏ ଝିଅ ଥିଲା । ଝିଅଟି ଧିରେ ଧିରେ ବଡ ହେଲା । ସେଇ ଝିଅଟି ଦେଖିବାକୁ ଭାରି ସୁନ୍ଦର । ଝିଅଟିର ବିବାହ ହେବାର ବୟସ ହେଲା ।



ଅଣ୍ଡ ଦିନାମ୍ ବିମୁଡ଼୍ ବାଗୱାନ୍ ଦର୍‌ତନୀନାଗ୍ ୱାତ୍‌ତଣ୍ଡ ମେଣ୍ଡେ ଦର୍‌ତନୀ ତାଗ୍ ଉତ୍ତାନ୍ ଆସୁଟ୍ ଆଦ୍ ପିକ୍‌ତିଙ୍କ୍ ଉଡିମେଣ୍ଡ ମାନ୍ କିତଣ୍ଡ । ବିମୁଡ୍ ବାଗୱାନ୍ ତାଙ୍କ୍ ପେଣ୍ଡୁଲ୍ ଆତ୍‌ତଣ୍ଡ୍ । ଅରାଦ୍ ରାଜିତ୍ ପେଣ୍ଡୁଲ ତେ କୋୟତର୍ ରାଜି ଆୟକନ୍ ମାତ୍‌ତର ।

ଥରେ ଇନ୍ଦ୍ର ଦେବତା ପୃଥିବୀକୁ ଆସିଲେ ଓ ପୃଥିବୀରେ ବୁଲିବା ସମୟରେ ଏହି ଝିଅଟିକୁ ଦେଖି ଭଲପାଇଲେ । ଇନ୍ଦ୍ର ଦେବତା ତାଙ୍କୁ ବିବାହ କଲେ । ସେମାନଙ୍କର ଏହି ରାଜି ବିବାହରେ କୋୟାମାନେ ଅସନ୍ତୁଷ୍ଟ ଥିଲେ ।



ଆଦିଙ୍ଗ୍ କୋୟ୍‌ତୋର୍ ରାଜିଆୟ୍‌ୱାଦ୍ ଉଡି, ଗ୍ରାମ ଦେବୀଲ୍ ବିମୁଡ୍ ବାଗୱାନ୍‌ତିଙ୍ଗ୍ ମାବ୍‌ତେ ପରୋ ଲଅସ୍ ମାତ୍‌ତା । ଗ୍ରାମ୍ ଦେବୀନ୍ ଆଦେଶତିଙ୍ଗ୍ ପାଲନ କିସ୍ ବିମୁଡ୍ ବାଗୱାନ୍ ମୟଲ୍ ଲୋପେ ମିଞ୍ଜିମାତ୍‌ତ ।

ତେଣୁ କୋୟାମାନଙ୍କର ଏହି ଅସନ୍ତୁଷ୍ଟକୁ ଲକ୍ଷ୍ୟ କରି ତାଙ୍କର ଗ୍ରାମଦେବୀ ଇନ୍ଦ୍ର ଦେବତାକୁଆକାଶକୁ ପଠାଇଥିଲେ ଗ୍ରାମ ଦେବୀଙ୍କ ଆଦେଶକୁ ପାଳନ କରି ଇନ୍ଦ୍ର ଦେବତା ମେଘ ମଧ୍ୟରେ ଲୁଚି ରହିଥିଲେ ।



ଆଦ୍ ଦିନା କଞ୍ ବିମୁଡ୍ ବାଗଓ୍ୱାନ୍ ମୟଲ୍ ତାଗ୍ ମାଞ୍ଜୀ ମୁସୁଡ୍ କିସ ମିନ୍ତେ ।କୋୟ୍ତର୍ ବିମୁଡ୍ ବାଗଓ୍ୱାନ୍ତିଙ୍କ୍ ସନ୍ମାନ୍ ଇଦାନ୍ ମାଇଦିଙ୍କ୍ ସାର୍ରେ ଓ୍ୱାଡ୍ସା ଓ୍ୱାଞ୍ଜୀ କଇଦାନ୍ ମାରେଙ୍ଗ୍ ବିମୁଡ୍ ପାଣ୍ଡୁମ୍ ପାଲନ୍ କିଇତର୍ ।

ସେହି ଦିନଠାରୁ ସେ ମେଘ ମଧ୍ୟରେ ରହି ବର୍ଷା କରୁଛନ୍ତି । କୋୟାମାନେ ଇନ୍ଦ୍ର ଦେବତାଙ୍କୁ ସମ୍ମାନ ଦେବାପାଇଁ ପ୍ରତିବର୍ଷ ଧାନକଟାକଟି ଶେଷ ହେବା ପରେ ବିମୁଡ ପାଣ୍ଡୁମ୍ ପାଳନ କରନ୍ତି ।



# କଇଲାତ୍ ମାଟା (ବିଲୁଆ କଥା)

ଅରଟ୍ ଗୁଡ୍ଡି କଇଲା ମାତ୍ତା ମେଣ୍ଡେ ତାନ୍ ତୋଡ୍ ବେସକ୍ କଇଲା ମାତ୍ତା । ଆ  ନାର୍‌ଦା ଲପେ ନେଙ୍ଗି ନାଟେନ୍ ମାନେଇତା କର୍‌କ୍  ତିନ୍‌ଞ୍ଜୋମାତ୍ତା ।ଗୁଡ୍ଡି କଇଲା ଇ ସାର୍‌ରେ କାମ୍ କିଆନ୍‌ସେଙ୍ଗେ ମାନା କୀନୋର ଗୁନି ବେସୁକ୍ କେଂଜକଟ ମାତ୍ତା ।

ଗୋଟିଏ କାଳି ବିଲୁଆ ଥିଲା ଓ ତା'ର ସାଂଗରେ କେତେ ଗୁଡ଼ିଏ ବିଲୁଆ ଥିଲେ । ସେମାନେ ଗାଁରେ ପଶି ଗାଁ ଲୋକଙ୍କର କୁକୁଡ଼ା  ଖାଇ ଦେଉଥିଲେ । କାଳି ବିଲୁଆଟି ଏସବୁ କାମ କରିବା ପାଇଁ ମନା କରେ କିନ୍ତୁ ଅନ୍ୟମାନେ ମାନୁ ନଥିଲେ ।



ଅଣ୍ତ ଦିନାତ୍ ମାଟା, ନାର୍ଦା ମାନେଇ ଅଣ୍ଡିୟାଗ୍ ଗୁଡ୍ଡି ସାର୍ରି କଇଲାଙ୍କୁ ବେଲା ଆଉକାନାଦ୍ ଆ’ଗଇ୍ ଆ’ଲସ୍ତର । ଓର୍ ଇକାଡତେ ନା’ରଦା ଏକାମ୍ କେପି ମାଞ୍ଜି କଇଲାକିଙ୍କ୍ ଆଉକ୍ତର । ଗୁନି ଗୁଡ୍ଡି କଇଲା ଫିସ୍କାର୍ସ ମିର୍ତା ।

ଦିନ କର କଥା, ଗାଁର ଲୋକମାନେ ଏକାଠି ହୋଇ ସବୁ ବିଲୁଆଙ୍କୁ କିପରି ମାରିବେ ସେ କଥା ଚିନ୍ତା କଲେ । ସେମାନେ  ରାତ୍ରିରେ ଗାଁ ଘେରିପାଖେ ଜଗି ରହି ବିଲୁଆମାନଙ୍କୁ ମାରିଦେଲେ । କିନ୍ତୁ କାଳି ବିଲୁଆଟି ଖସି କରି ପଳାଇଗଲା ।



ନା’ର୍‌ଦର ବେସକ୍ କଇଲା ଆଉକ୍‌ତର୍ ସାର୍‌ର୍ରେ ଅରଟ୍ ପର୍‌ଯିତାଗ୍ ଜାମାକିସ୍ ପଡ୍‌ସିତ୍‌ତର୍ । ଇଦ୍ ସାର୍‌ରି ଗୁଡ୍ଡି କଇଲାତିଙ୍କ୍ ଜିଓ୍ୱା ନତ୍‌ତା ।ତାଙ୍କ୍ ଓ୍ୱାକ୍ରାମ ବୁଦ୍ ପୁଞ୍ଜୀ ମାତ୍‌ତା । କାରଓ୍ୱତ୍ ନିରଦିଙ୍କ୍ ମାତ୍ରାଂ କିସିଇତ୍‌ତା । ନାର୍‌ଦା ମାନେଇତା କା’ଲକ୍ ଆ’ନିର୍‌ଦେ ପର୍‌ର ଆର୍‌ତ୍‌କେ କା’ଲକ୍ ଆଗ୍ଲେ ଟୁଣ୍ଟି ମାତ୍‌ତା ଲେକେନ୍ ମୋଇତା । ନାର୍‌ଦର୍ ଆ’ଲ୍‌ସ୍ତର ଇଲା ବା’ର୍ ଆସୋମିନ୍ଦେ । ଉର୍ ଆଲସ୍ତର ଇଦ୍ ବେନୋଣ୍ଡ୍ କୀସୋମିନ୍ଦେଣ୍ଡ୍ । ମାରେଙ୍ଗ୍ ଉର୍ ଓ୍ୱାଡ୍ଡେନ୍ ତୋଡ୍ ପୁନ୍ଦା ପାରତ୍‌ତର୍ ଯେ ଇଦ୍ ପିସ୍‌କାର୍‌ସୁ ମିର୍‌ତା ଗୁଡ୍ଡି କଇଲା କୀସୋମିନ୍ଦେ । ଆଦିଙ୍କ୍ ନାର୍‌ଦ ମାନେଇ ତାଙ୍କ୍ ବେଲା ପଇଦପାରଦେତର୍ ଆଲ୍‌ସି ଗାଟି ତିସ୍କାଲ୍‌ତେ ପୋଇତ୍‌ତର୍ ।

ଗାଁ ଲୋକ ଯେତିକ ବିଲୁଆ ମାରିଲେ ସବୁ ଗୋଟିଏ ଜାଗାରେ ଗଦେଇ କରି ପୋଡ଼ିଦେଲେ । ଏସବୁ କାଳି ବିଲୁଆଟିକୁ ବାଧିଲା । ତାକୁ ଗୁଣି ବିଦ୍ୟା ଜଣା ଥିଲା । ପୋଡା ହୋଇଥିବା ପାଉଁଶକୁ ମନ୍ତ୍ର କରି ଦେଲା । ଗାଁ ଲୋକଙ୍କର ଗୋଡ ଯଦି ସେହି ପାଉଁଶ ଉପରେ ପଡିବ । ଗୋଡ ସେଠି ରହିଲା ପରି ଲାଗିବ । ଗାଁଲୋକ ଭାବିଲେ ଏପରି କେମିତି ହେଉଛି ।ସେମାନେ ଭାବିଲେ ଏହାକିଏ କରିଛି । ଶେଷରେ ସେମାନେ ଓ୍ୱାଡେ ଦ୍ୱାରା ଜାଣି ପାରିଲେ ଯେ ଏହା ଖସିକରି ପଳେଇ ଯାଇଥିବା କାଳି ବିଲୁଆ କରୁଛି ।



ତାଙ୍କ୍ ପଇସ୍ କେତ୍ତର୍ ନିମା ଈଲା ବାତେଙ୍କ୍ କୀସୋମିନ୍ଦିନ୍ କଈଲାତିଙ୍କ୍ କେତତର୍ । ମୀର୍ ସାର୍ରିତର ନା କୁଲାତିଙ୍କ ହାଡକି ଫିସ୍ ପିତ୍ତର୍ ।ଆଦିନ୍ ମାଈଦିଙ୍କ୍ ନାନା ଈଲା କିତ୍ତାନ୍ । ନାରଦେ ମାନେଈ ତାଙ୍କ୍ କେତ୍ତର୍ ନିମ୍ ଆନ୍ ଆ' ନିର୍ଦିଙ୍କ୍ ମାତ୍ରଂମ୍ କିଈସି ସାୟା କୀମ୍ । ଈଦ୍ ଈଲେକେ ମାତକେ ମାନାର୍ ଗାଟି ନାଷ୍ଟାମ୍ ଆତା ।ଭୂତ୍ ପ୍ରେତାମ୍ ମାକିଙ୍କ୍ ପଈଦ୍ତା । କଈଲା ନିର୍ଦିଙ୍କ୍ ମେଣ୍ଡେ ମାନ୍ତ୍ରାଂତେ ମାଲପିଈତା । ମାନୟେ ସାର୍ଦେତେ ଗେଲସତ୍ର ।

ତେଣୁ ଗାଁ ଲୋକମାନେ ତାକୁ କିପରି ଧରିବେ ଚିନ୍ତା କଲେ । ବହୁତ କଷ୍ଟରେ ଧରିଲେ । ତାକୁ ଧରି ପଚ୍ଚରିଲେ ତୁ ଏପରି କାହିଁକି କରୁଛୁ । ବିଲୁଆକୁ କହିଲେ । ତୁମେମାନେ ସମସ୍ତେ ମୋର ବଂଶକୁ ମାରି ନିପାତ କରିଦେଲ । ସେଥିପାଇଁ ମୁଁ ଏହା କରିଛି । ଗାଁ ଲୋକମାନେ ତାକୁ କହିଲେ ତୁ ଯା ସେ ପାଉଁଶକୁ ମନ୍ତ୍ର ଦ୍ୱାରା ଭଲ କର । କାରଣ ଏହା ଏପରିଥିଲେ ଆମ ଗାଁ ବହୁତ କ୍ଷତି ହେବ । ଭୂତ୍ ପ୍ରେତ୍ ଆମକୁ ଧରିବ । ବିଲୁଆ ପାଉଁଶକୁ ପୁଣି ମନ୍ତ୍ରଦ୍ୱାରା ଭଲ କରି ଦେଲା । ଲୋକମାନେ ଆନନ୍ଦରେ ରହିଲେ ।



# ଭୂତ୍ ମାଟା (ଭୂତ କଥା)

ଅର୍ରନ୍ ମାନେଯତିଙ୍କ୍ ଆଠ ପିଲା ମାତ୍ତା । ଓର୍କିଙ୍ଗ୍ ବଞ୍ଚେମ୍ ଆଦନଙ୍କ ବହୁତ କଷ୍ଟ ଆସ ମାତ୍ତା ।ତିନ୍ଦାନ୍ ଟିଣ୍ଡ୍ ବାର୍ ଏଓ୍ୱମାତ୍ତ । ଆଦିନ୍ ମାଇଦେଙ୍କ ଅଣ୍ଡୟ ଦିନାମ୍ ବାପା ମା ତିର୍ୟ୍ତର୍ । ମାନ୍ ପିଲା ପାଟ୍ତେ ପେର୍କେ ଦଡା ରୋଷେଇ କିସ ତିନ୍ଦ୍କାଲ୍ । ତାନ୍ ପେର୍କେ ସାର୍ରେ ପିଲ୍ଲୁ ଉଞ୍ଜ୍ତେ ଆସୁଟ୍ ଦଡ଼ା ଆଟ୍ଟି ତିନ୍ଦାନଙ୍କ୍ ଆସମାତ୍ତର ।ଆସୁଟ୍ ଓ୍ୱେର୍ର ଓ୍ୱେର୍ର ପିଲା ତେଦ୍ତର୍ ।ଆଟ୍ତାଦ୍ ଦଡ଼ା ତେଦ୍ତାଓ୍ୱୁ ପିଲା ମେଣ୍ଡେ ତିତ୍ତା । ଇପୁଟ୍ଟୁଙ୍ଗ୍ ବେଲେ କିତ୍କେ ମିକ୍କା ଡୋଡା ଆଲଓ୍ୱା ଆସମାତ୍ତା । ଆଦିଙ୍ଗ୍ ମେଣ୍ଡନ୍ ପୁନା ଉପାୟ କିତ୍ତର ।

ଗୋଟିଏ ଲୋକର ଆଠଟି ପିଲା ଥିଲେ ।ସେମାନଙ୍କୁ ବଞ୍ଚିବାକୁ ବହୁତ କଷ୍ଟ ହେଉ ଥିଲା । ଖାଇବା ଖାଦ୍ୟ ବି ନିଅଣ୍ଟ ହେଉଥିଲା । ସେଥିପାଇଁ ଗୋଟିଏ ଦିନ ବାପା-ମା କଥା ହେଲେ ।ଆମ ପିଲାମାନେ ଶୋଇ ପଡ଼ିବା ପରେ ଭାତ ରୋଷେଇ କରି ଖାଇବା । ତା'ପରେ ସମସ୍ତ ପିଲା ଶୋଇଯିବା ପରେ ଭାତ ରୋଷେଇ କରି ଖାଇବାକୁ ପ୍ରସ୍ତୁତ ହେଲେ ।ସେତେବେଳେ ଗୋଟି ଗୋଟି କରି ଉଠିଲେ । ରୋଷେଇ ହୋଇଥିବା ଭାତ ପିଲାମାନେ ପୁଣି ଖାଇଦେଲେ । ଏପରି ଯେମିତି କଲେ ବି ଭାତ ନିୟଣ୍ଟ ହେଉଥିଲା । ସେଥିପାଇଁ ପୁଣି ନୂଆ ଉପାୟ କଲେ ।



ତାନ୍ ମେଣ୍ଡନ୍ ଦିନାମ୍ ଅଣ୍ଡୟ ଉପାୟ କିସ୍ମାଞ୍ଜ୍ ପିଲା କିଙ୍ଗ୍ ଗୁପ୍ପତା ୱ୍ୱିଡ୍ସିତର୍ ।ପିଲାନ୍ ତୋଡେ ତାମ୍ ୟାୟ-ୟାମାଲ୍ ମିକା ଆଞ୍ଜୋମାତ୍ତର୍ । ଜଙ୍ଗଲ୍ତାଗ୍ ବହୁତ ଏଡେଲ୍ଲି ଗଛ ମାତ୍ତା ।ଆ ଗଛତାଗ୍ ନେକ୍କାୟ ଏଡିଲ୍ଲି ପାଣ୍ଡି ମାତ୍ତା ।ଆ ଏଡିଲ୍ଲି ତିନ୍ଦାନାସୁଟ୍ ତାମ୍ ମା-ବାପା ୱ୍ୱିଡ୍ସି ଆତ୍ତର । ତାନ୍ ପେର୍କେ ତାମ୍ ମା-ବାପା ମେଣ୍ଡେ ୱ୍ୱାୱ୍ୱର୍ । ଇଲେ ଆସ୍ ଅନ୍ଧାର ଆତ୍ତା ।

ତା'ପର ଦିନ ଗୋଟିଏ ଉପାୟ କରି ପିଲାମାନଙ୍କୁ ବଣରେ ଛାଡ଼ିଦେଲେ । ପିଲାଙ୍କ ସହିତ ତାଙ୍କ ମା-ବାପା ବି ଯାଇଥିଲେ । ବଣରେ ବହୁତ ଖଜୁରୀ ଗଛ ଥିଲେ । ସେହି ଗଛ ଗୁଡ଼ିକରେ ବହୁତ ଖଜୁରୀ ଥିଲା ।ସେଗୁଡ଼ିକ ଖାଇବାବେଳେ ତାଙ୍କ ମା-ବାପା ଛାଡ଼ି ପଳାଇଲେ । ତା'ପରେ ତାଙ୍କ ମା-ବାପା ପୁଣି ଆସିଲେ ନାହିଁ । ଏପରି ହୋଇ ଅନ୍ଧାର ହେଲା ।



ନେକ୍‌କାଇ ରାତି ଆତ୍‌ତାସୁଟ୍ ଅଣ୍ଡୟ ଭୂତ୍ ୱାଉା । ଆସୁଟ୍ ପିଲା ମାଡ୍‌ଡାତ୍‌ପର୍ ତାରଡ୍‌ର୍ । ଆସୁଟ୍ ଭୂତ୍ କେତ୍‌ତା ସବ୍‌ତର୍ ଡିଗାଟ୍ ତାନ୍ ପେରକେ ସାର୍‌ତର ଡିଗ୍‌ତର । ଆସୁଟ୍‌ଭୂତ୍ ସବେପିଲାଙ୍କ୍ ଅସ୍ ଅଣ୍ଡୟ ବଙ୍ଗାତାଗ୍ ନେଃହତ । ପିଲା କାର୍‌ୱିନେ କେୟମାତ୍‌ତା । ପଟାକାଡ୍‌କେ ତିନ୍ଦାଙ୍କ୍ ଇସ୍‌ମାଞ୍ଜି ମାର୍ ଟେକ୍ କେଏତ୍‌ତା । ପେକର ଅଣ୍ଡୟ ବଙ୍ଗତାଲା ସବ୍‌ତର୍ ପେୟସ୍ ୱାତ୍‌ତର୍ ।

ବହୁତ ରାତି ହେଲାବେଳେ ଗୋଟିଏ ଭୂତ ଆସିଲା ।ସେତେବେଳେ ପିଲା ଗଛ ଉପରେ ଥିଲେ । ଭୂତ କହିଲା ସମସ୍ତେ ଓହ୍ଲାଅ ତା'ପରେ ସମସ୍ତେ ଓହ୍ଲାଇପଡ଼ିଲେ । ସେତେବେଳେ ଭୂତ ସବୁପିଲାଙ୍କୁ ନେଇ ଗୋଟିଏ ବଙ୍ଗଳାରେ ରଖିଲା । ପିଲାଏ ଭୋକରେ କାନ୍ଦୁଥିଲେ । ପେଟ ଭର୍ତ୍ତି ଖାଇବାକୁ ଦେଇ କବାଟ ବନ୍ଦ କରିଦେଲା । ପିଲାଏ ପୁଣି ଗୋଟିଏ କଣା ଦେଇ ସମସ୍ତେ ବାହାରି ଆସିଲେ ।



ଲୋନ୍ ମାଲ୍ସଓ୍ୱାସ୍ ମେଣ୍ଡେ ସାର୍ରେ ତିନ୍କଟେ ପାଡିୟୁତୁଙ୍ଗିକାଲ୍ ଇଞ୍ଜୋ କେତ୍ତର । ସାର୍ରେତର୍ ତାନ୍ପେରକେ ସାୟେ ମାତ୍ତର ।

ଘରକୁ ଫେରିଆସି ଆଉ ସବୁ ନଖାଇ କାମ କରି ଖାଇବା ବୋଲି କହିଲେ । ସମସ୍ତେ ତାପରେ ଭଲରେ ରହିଲେ ।



# କଇଲା ନୁ ଏମୁଲ୍
# (ବିଲୁଆ ଓ କଇଁଚ କଥା)

ଅଣ୍ଡ ଗୁପେତାଗ୍ କଇଲାନୁ ଏମୁଲ୍ ମାତ୍ତା । ଇରଓ୍ବୁର ସାୟେ ସାଙ୍ଗତର୍ । ଆଦେ ଗୁପେତାଗ୍ ଅଣ୍ଡୟ ସୁଡଲାଦ୍ ଏରଓ୍ବ ମାତ୍ତା । ଗୁପତାଗ୍ ଅରଟ୍ ଗଣ୍ଡରାସ୍ ମାତ୍ତା ।

ଏକ ବଣରେ ବିଲୁଆ ଓ କଇଁଚ ରହୁଥିଲେ । ଏ ଦୁହେଁ ଭଲ ସାଙ୍ଗ ।  ସେହି ବଣରେ ଏକ ଛୋଟ ପୋଖରୀଟି ଥିଲା ।ବଣରେ ଗୋଟିଏ ହେଟା ବାଘ ଥିଲା । ଦିନେ ବିଲୁଆ ଓ କଇଁଚ ସୁଖ ଦୁଃଖ ହେଉଥିଲେ ।



ଅଣ୍ଡଦିନ୍ କଇଲାନୁ ଏମୁଲ୍ ସୁକାମ୍ ଦୁକାମ୍ ଆସ ମାତ୍ତା । ଆଦେ ସମୟତେ ଗଣ୍ଡରାସ୍ ଇର୍‌ୱିଙ୍କ୍ ତିନ୍ଧାନଙ୍କ୍ ଆଲ୍‌ସତା । ଆଦ୍ ମିଞ୍ଜି-ମିଞ୍ଜି ଅଞ୍ଜ୍ ପଇତାନଙ୍କ୍ ଆଲସ୍‌ତା । ମାତ୍ରାମ୍ ଏମୁଲ୍ ଦରକ୍‌ତା । ଗଣ୍ଡରାସ୍ ୱାଦାନ୍ ଉଡି, କଇଲା ଗାଟି ମିର୍‌ତା ।

ସେହି ସମୟରେ ହେଟା ବାଘ ଦୁହିଁଙ୍କୁ ଖାଇବା ପାଇଁ ସ୍ଥିର କଲା । ସେ ଲୁଚିଲୁଚି ଯାଇ ଧରିବାକୁ ଚେଷ୍ଟା କଲା । ହେଟା ବାଘ ଆସିବାର ଦେଖି, ବିଲୁଆ ଯୋରରେ ଦୌଡି ଗଲା । ମାତ୍ର କଇଁଚ ଟି ଧରାପଡିଲା । କଇଁଚକୁ ହେଟା ବାଘ ଖାଇବାକୁ ମନ କଲା ।



ଏମୁଲ୍‌ତୁଙ୍କି ଗଣ୍ଡରାସ୍ ତିନ୍ଦାନ୍ ମାଇଦିଙ୍କ୍ ଇଷ୍ଟାମ୍ କିତ୍‌ତା । ଇ ପାକେ କଇଲା ମାନ୍‌ତେ ମାନ୍‌ତେ ବେଲେ ସାହଜ ମାଡିତାନ୍ ଇଞ୍ଜୋ ଆଲସ୍‌ତା । ଇଦେ ସମୟତେ କଇଲା ତୁଙ୍କ୍ ଅରଟ୍ ଉପମ୍ ଓ୍ୱାତ୍‌ତା । ମିରି ମିରି ଆଞ୍ଜୀ ଗଣ୍ଡରାସ୍‌ତ ଗାରରେ ଏଓ୍ୱତା । କେତ୍‌ତା ଇଦିଙ୍କ୍ ତିନ୍ଦାଙ୍କ୍ ଆତ୍‌କେ ନିକୁ ଏର ଦାଗ୍ ପଞ୍ଜପାନ୍ ମିନ୍ଦେ, ବାଲେକି ତିନ୍ ମେନ୍ଦୁଲ୍ ନାର୍ଗେ ଲାଓ୍ୱ । ତାନ୍ ପେରକେ ଗଣ୍ଡରାସ୍ କଇଲାତ୍ ମକତିଙ୍କ୍ ଉଡି କେତ୍‌ତେ, ନିଜାମ୍ କେତୁତିନ୍‌ତ ? କଇଲେ କେତ୍‌ତେ ଅ.........ଅ.............. ।

ଏପଟେ ବିଲୁଆ ମନେ ମନେ ଦୁଃଖ କରି କିପରି ସାହଯ୍ୟ କରିବି, ତାହା ଭାବୁଥାଏ । ଏତିକି ସମୟରେ ବିଲୁଆକୁ ଗୋଟିଏ ଉପାୟ ଆସିଲା । ଦୌଡି ଦୌଡି ଯାଇ ହେଟା ବାଘ ପାଖକୁ ଗଲା । କହିଲା, ଏହାକୁ ଖାଇବାକୁ ହେଲେ, ତୁମକୁ ପାଣିରେ ଓଦା କରିବାକୁ ପଡିବ । କାରଣ ଏହାର ଦେହ ବହୁତ ଟାଣ ।ତାପରେ ହେଟା ବାଘ ବିଲୁଆ ମୁହଁକୁ ଚହିଁ କହିଲା, ସତ କହୁଛି ?ବିଲୁଆ କହିଲା ହଁ ।



ଗଣ୍ଡରାସ୍ ଏମୁଲ୍ ତିଙ୍କ୍ ଏର୍ଦାଗ୍ ମୁଃ ସିତ୍ତେ । ଆଦେ ଆଡମ୍ ଏମୁଲ୍ ଏର୍ଦେ ଲୋପେ ଆତ୍ତା । ଇପାକେ କଇଲା ଆଫଡିୟେ କଞ୍ଚ ମିରଆତ୍ତା । ଗଣ୍ଡରାସ୍ ଏମୁଲ୍ତୁଙ୍କ୍ କେପ୍ତେ ମାତ୍ରାମ୍ ଏମୁଲ୍ ମେଣ୍ଡଓ୍ୱେ ଦର୍କିତେ ।

ହେଟା ବାଘ କଇଁଚକୁ ପାଣିରେ ବୁଡାଇଲା । ଏହି ସୁଯୋଗରେ କଇଁଚ ପାଣି ଭିତରକୁ ଚାଲିଗଲା । ଏପରେ ବିଲୁଆ ସେ ଜାଗାରୁ ଦୌଡି ଚାଲିଗଲା । ହେଟା ବାଘ କଇଁଚକୁ ଜଗିଲା କିନ୍ତୁ କଇଁଚ ଆଉକି ଧରାଦିଏ ।



# ସ୍କୁଲ୍‌ତା ଦାୟିକା (ବିଦ୍ୟାଳୟକୁ ଯିବା)

ଅଦାଦା ଅୟାକ୍କା ସ୍କୁଲ୍‌ତା ଦାୟିକାଲ, ............(୨)
ଅଚେଲ ଅତାମ୍ମା ସ୍କୁଲତା ଦାୟିକାଲ ।

ଏ ଭାଇ ଏ ନାନୀ ସ୍କୁଲ୍ ଯିବା
ଏ କୁନି ଏ କୁନା ସ୍କୁଲ୍‌କୁ ଯିବା ।

ଅଦାଦା ଅୟାକ୍କା ହଷ୍ଟେଲତା ମାନ୍ଧିକାଲ,............(୨)
ଅଚେଲ ଅତାମ୍ମା ସାଦ୍ୱାନାଦ୍ ପୁନ୍ଦିକାଲ ।

ଏ ଭାଇ ଏ ନାନୀ ସ୍କୁଲ୍ ଯିବା
ଏ କୁନି ଏ କୁନା ସ୍କୁଲ୍‌କୁ ଯିବା ।

ସାଦ୍ୱି ସାଦ୍ୱି ଜ୍ଞାନମ୍ ତାତ୍ତିକାଲ
ମେଲତା ବୁଦ୍ଧିନ୍ ଆର୍ ଉଡ଼ିକାଲ ......... ।

ଘନ ଅନ୍ଧାରକୁ ଦୂର କରିବା
ଦେଶ ସାରା ଉଜ୍ଜଳ କରିବା ............. ।



କାର୍ ଶୀକାଡ୍ ଦୂରାମ୍ ତୁଙ୍ଗିକାଲ,
ଦେଶେମ୍ ଆନ୍ତେ ୱେନ୍ନେଲ୍ ତୁଙ୍ଗିକାଲ

ଖଣ୍ଡା -ବୁଢ଼ାର ପାହାଡ଼ ପାହାରିବା
କେତେକ ଗାଁର ଚେହେରା ଦେଖିବା

ଅଦାଦା ଅୟାକ୍କା ସ୍କୁଲ୍‌ତା ଦାୟିକାଲ,
ଅପିକି ଅପେକା ସ୍କୁଲତା ଦାୟିକାଲ ।

ଏ ଭାଇ ଏ ନାନୀ .........,
ଏ କୁନି ଏ କୁନା......... ।

ଗୁଛା ମେଛା ଡାଣ୍ଟି ଦାୟିକାଲ
ଦେଶେମ୍ 'କିନ୍ ମୋକମ୍ ଉଡିକାଲ........
ଅଦାଦା ଅୟାକ୍କା ........., ଅଚେଲ ଅତାମ୍ମା....... ।

ସାଗର ନଈ ପାହାରି ଯିବା
ମୁ ବୁଦ୍ଧିର ମନୁଷ୍ୟ ଦେଖିବା
ଏ ଭାଇ ଏ ନାନୀ ........., ଏ କୁନି ଏ କୁନା......... ।

କୁୟେର ଗୋଦାର୍ ଡାଣ୍ଟି ଦାୟିକାଲ
ମେଲତା ବୁଦ୍ଧିନ୍ ମାନେଇକ୍ ଉଡ଼ିକାଲ ।
ଅଦାଦା ଅୟାକ୍କା ........., ଅଚେଲ ଅତାମ୍ମା....... ।

ଅଦାଦା ଅୟାକ୍କା ସ୍କୁଲ୍‌ତା ଦାୟିକାଲ,
ଅପିକି ଅପେକା ସ୍କୁଲତା ଦାୟିକାଲ ।

ଏ ଭାଇ ଏ ନାନୀ ସ୍କୁଲ୍ ଯିବା
ଏ କୁନି ଏ କୁନା ସ୍କୁଲ୍‌କୁ ଯିବା ।............

ଅଦାଦା ଅୟାକ୍କା ହଷ୍ଟେଲତା ମାନ୍ଦିକାଲ
ଅପିକି ଅପେକା ସାଦ୍‌ୱାନାଦ ପୁନ୍ଧିକାଲ

ଏ ଭାଇ ଏ ନାନୀ ସ୍କୁଲ୍ ଯିବା
ଏ କୁନି ଏ କୁନା ସ୍କୁଲ୍‌କୁ ଯିବା ।............

# ମାନ୍‌ନାଲ୍ ସାର୍‌ରେ (ଆମେ ସବୁ)

ମାନ୍‌ନାଲ୍ ସାର୍‌ରେ

ସୁଡୁ ସୁଡୁ ପିଲା ......... ।

ଆମେ ସବୁ

ଛୋଟ ଛୋଟ ପିଲା...... ।

ରେଲେ ପୁଙ୍ଗା ଲେଖ୍

ରେଲେ (ଗୋଟିଏ ପ୍ରକାର ବଣର ଫୁଲ ଗଛ) ଫୁଲ ପରି ।

ଜୋପା ଜୋପା ଆସ୍,

ପେନ୍ଥା ପେନ୍ଥା ହୋଇ,

ମାନ୍ ନାର୍, ମାନ୍ ଦେଶ ॥

ଆମ ଗାଁ, ଆମ ଦେଶ ॥

ପେଦ୍‌ଦେର୍ ଡୁଙ୍ଗିକାଲ୍ ॥

ନା' କରିବା ॥

ମାନ୍‌ନାଲ୍ ସାର୍‌ରେ, ସୁଡୁ ସୁଡୁ ଉକ୍‌କାକ୍ ॥

ଆମେ ସବୁ, ଛୋଟ ଛୋଟ ତାରା ॥

ମାନ୍ ନାଲ୍ ସାର୍‌ରେ ଅଣ୍ଡୟ୍ ଆସ୍ ॥

ଆମେ ସବୁ ଏକ ହୋଇ ॥

ମାନ୍ ୟାୟ, ମାନ୍ ୟାମ୍‌ମାନ୍ ॥

ଆମ ମାଁ, ଆମ ବାପ ॥

ପେଦେର୍ ତାତ୍‌ତିକାଲ୍ ॥

ନା' ଆଣିବା ॥



**ମାନ୍‌ନାଲ୍ ସାର୍‌ରେ, ସୁଡୁ ସୁଡୁ ଇଲ୍‌କା ॥**
ଆମେ ସବୁ, ଛୋଟ ଛୋଟ ଝରଣା ॥

**ମାନ୍‌ନାଲ୍ ସାର୍‌ରେ ଅଣ୍ଡୟ ଆସ୍ ॥**
ଆମେ ସବୁ ଏକ ହୋଇ ॥

**ମାନ୍ ସ୍କୁଲ, ମାନ୍ ଗୁରଜୀର୍ ॥**
ଆମ ସ୍କୁଲ, ଆମ ଗୁରୁଜୀର ॥

**ପେଦ୍‌ଦେର୍ ତାତିକାଲ୍ ॥**
ନାଁ କରିବା କଥା ॥

**ମାନ୍‌ନାଲ୍ ସାର୍‌ରେ, ଅଣ୍ଡୟ୍ ଆସ୍ ॥**
ଆମେ ସବୁ ଏକ ହୋଇ ॥

**ମାନ୍ ଦାଦାଲ, ମାନ୍ ତାମ୍‌ମୁନ୍ ॥**
ଆମ ଭାଇ ଭଉଣୀ ॥

**ମାନ୍ ଏଲାଡ୍ ମାନ୍ ଆକ୍‌କାନ୍ ॥**
ଆମେ ଭାଇ ଭଉଣୀ ନା ଆଣିବା ।

**ମାନ୍‌ନାଲ୍ ସାର୍‌ରେ, ସୁଡୁ ସୁଡୁ ପିଲା ॥**
ଆମେ ସବୁ, ଛୋଟ ଛୋଟ ପିଲା ॥

**ମାନ୍ ନାର୍, ମାନ୍ ଦେଶ ॥**
ଆମ ଗାଁ, ଆମ ଦେଶ ॥

**ମାନ୍ ୟାୟ, ମାନ ୟାମ୍‌ମାଲ୍**
ଆମ ମାଁ, ଆମ ବାପା

**ମାୟିକ୍**
ପାଇଁ

**ପାଡ଼ୟ ତୁଙ୍ଗିକାଲ**
କାମ କରିବା

**ମାନ୍‌ନାଲ୍ ସାଦ୍‌ୱିକାଲ୍ ।**
ଆମେ ପଢ଼ିବା ।

**ପେଦ୍‌ଦେର ତାତ୍‌ତିକାଲ୍**
ନା' ଆଣିବା ॥



# ଡଗଢମାଲୀ

ଆର୍ ଇଲଓ୍ୱାଦ୍ ଲୋନ୍ । (ଗାର୍ବାମ୍)

ଦ୍ୱାର ନ ଥିବା ଘର । (ଅଣ୍ଡା)

କୋ- ନିମୁନ୍ନେ କଙ୍ଗ୍ ପୁତ୍ । (ମସର୍)

ତୁମ ଆଗରେ ବଗ ଉଲି ।(ନାକ)

ନିମୁନ୍ନେ ଏତ୍‌ମେଣ୍ଡ ପିର୍‌କି । (ପାଲକ୍)

ତୁମ ଆଗରେ କୁଲ୍ଲୁ ଭୁର୍ତ୍ତି ଲିଆ ।(ଦାନ୍ତ)

ଇଲ୍‌କା ଇଲ୍‌କା ପାଦି କାଲକ୍ ପଇସ୍ ଉଡିତିନ୍ ।(ଏଙ୍ଗେ)

ଝରଣା ଝରଣା ଦଶଟି ତୀର ଧରି ବୁଲୁଛୁ ।(କଙ୍କଡା)

ୟାୟୋ ବାବାଲ୍ ଲୋନ୍ ମାନର୍ର୍, ପିଲା ଉଡିତା ।(ତାଲାମ କାଇକ୍)

ମା ବାପା ଘରେ, ପିଲାମାନେ ବୁଲିବେ ।(ତାଲାଚାବି)

ଅରଣଯଡ ପେକାଲ୍ ତୁଲିତୁଲି ଅଓ୍ୱର୍ କଲ୍‌ସିତଣ୍ଡ । (ଉପ୍ପେ)

ଗୋଟିଏ ପିଲା ଡେଇଁ ଡେଇଁ ଲୁଣ ମାପିବ ।(ମୂଷା)

ପେଟ୍‌ଲାମ୍ ପେଟ୍‌ଲାମ୍ ମୁଣ୍ଡ ପେଟ୍‌ଲାମ୍ ନାଡମେ ପେଟ୍‌ଲାମ୍
ସାଓ୍ୱଡା ।(ନାରିଆଲ)

ସ୍ତର ସ୍ତର ତିନିସ୍ତର ମଝିରେ ସାଗର ।(ନଡିଆ)

ଗିନ୍ନେ ମେଣ୍ଡ୍ ରେଂଗା । (ଉକ୍‌କା)

ଡାଟିଆ ଭର୍ତ୍ତି ବରକୋଳି ।(ବରକୋଳି)

ନି ମକୁଟିଙ୍ଗ୍ ନିମ୍ମେ ଓ୍ୱାଡ୍‌ସିତିନ୍ ।(କଣ୍ଡଡା ମିନଣ୍ଡି ବନଦ୍‌କିନାଦ୍)

ତୁମ ମୁହଁକୁ ତୁମେ ନିଜେ ମାରୁଛ ।(ଆଖବ ପତା ପକାଇବା)

କାଇ ମିନ୍‌ତେ କାଲକ୍ ମିନ୍‌ତେ ତାଲ୍‌ବାଡ୍ ଇଲେ ନାରୁଙ୍କ୍ ତିନ୍‌ତା ।(ସକ୍‌କା)

ହାତ ଅଛି ଗୋଡ ଅଛି ମୁଣ୍ଡ ନାହିଁ ମଣିଷକୁ ଗିଳିବ ।(ପୋଷାକ)

ଅରଣ୍ଡ ପେକାଲ୍ ପେଟ୍‌ଲାମ୍ ପେଟ୍‌ଲାମ୍ ସକ୍‌କା କେର୍‌ଦିତର୍ ।(ଜନ୍‌ନା)

ଜଣେ ପିଲା ଡବଲ୍ ଡବଲ୍ ସାର୍ଟ ପିନ୍ଧିଛି ।(ମକା)

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର